# Akashvani, Sambalpur

## SAMBALPURI NEWS MORNING BULLETIN

## 23 August 2026 - 6.47- 6.52 am.

---

ବିଶ୍ୱ ଆଥଲେଟିକ୍ସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଗଲାକାଏଲ୍ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ସଫଲତାର୍ ସହେତେ ଶେଷ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତି ପ୍ରତିଯୋଗୀ ମାନ୍‌କୁ ପୁରସ୍କୃତ୍ କରିଥିଲେ । ଗଲାବଛର୍ ରାଜ୍ୟ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ର ବ୍ରୋଞ୍ଜ୍ ଆର୍ ଇ ବଛର୍ ସିଲ୍‌ଭର୍ ମିଟ୍ ଆୟୋଜନ୍ କରିକରି ସଫଲ୍ ହେଇଛେ । ଆଏବା ବଛର୍ ଓଡ଼ିଶା ଗୋଲ୍ଡ ମିଟ୍ ଆୟୋଜନ୍ କର୍‌ବାର୍‌କେ ନେଇକରି ଭାରତୀୟ ଆଥ୍‌ଲେଟିକ୍ ସଂଘ ଜରିଏ ବିଶ୍ୱ ଆଥ୍‌ଲେଟିକ୍ସକେ ଜନେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଆଏବା ବଛର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଇନଡୋର୍ ଚାମ୍ପିଅନ୍‌ସିପ୍ ଆଉ ଏସୀୟ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଆନ୍‌ସିପ୍ ଲାଗି ସର୍‌କାର୍ ପୁରା ପ୍ରସ୍ତୁତ୍ ଅଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜନ ଅଭିଯୋଗ୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ସଖାଲର୍ ୮ ବଜେନୁ ୟୁନିଟ୍-୨ ଅଶୋକ୍ ନଗର୍ ଭୁବ୍‌ନେଶ୍ୱର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍ ଲାଗି ପଞ୍ଜିକରଣ୍ କରିଥିବା ଆଗ୍ରହୀ ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସାଙ୍ଗେ ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯାଗ୍ ଜନେଇପାର୍‌ବେ ।

ଓଡ଼ିଶା ପରବ        ଆଇ.ଆଣ୍ଡ୍.ପି.ଆର୍

ବାରଣାସୀ ନ ଗଲାକାଏଲ୍ ଠାନୁ ୩ ଦିନିଆ ଓଡ଼ିଶା ପରବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ଆଉ ଫିକି ର ମିଲିତ୍ ସହଯୋଗ୍‌ଥି ହେଇଥିବା ଇ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶାର୍ ସମୃଦ୍ଧ ସାଂସ୍କୃତିକ୍ ଐତିହ୍ୟ, ପାରମ୍ପାରିକ୍ ହସ୍ତଶିଳ୍ପ ଆଉ ସୁଆଦିଆ ବ୍ୟଞ୍ଜନ୍ ସବୁ ପ୍ରଦର୍ଶିତ୍ ହେଉଛେ । ୩୨ ଟା ଖାସ୍ ଷ୍ଟଲ୍‌ଥି ୨୨ ଟା ହସ୍ତଶିଳ୍ପ ଆଉ ୧୦ ଟା ଓଡ଼ିଆ ଖାଏବାର୍ ଜିନିଷ୍‌ର ଷ୍ଟଲ୍ ଠାନ୍ ପାଇଛେ । ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁରୀ ନାଚ୍ ସହେତେ ଓଡ଼ିଶୀ, ଗୋଟିପୁଅ ଆଉ ଭିନ୍ ଭିନ୍ ଇଲାକାର୍ ଲୋକ୍‌ନାଚ୍ ପରିବେଷଣ୍ କରାଯାଉଛେ । ଆଏବା ୨୪ ତାରିଖ୍‌ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ପୁରୀ କୋଣାର୍କ, ଚିଲିକା, ଭିତର୍‌କନିକା ବାଗିର୍ ପର୍ଯ୍ୟଟନ୍‌ସ୍ଥଲୀର୍ ପ୍ରଚାର୍ କରାଯାଉଛେ ।

ସିବିଏସ୍‌ଇ କ୍ଲଷ୍ଟର୍ ଚାମ୍ପିଅନ୍‌ସିପ                ଆଇ ଆଣ୍ଡ୍ ପି.ଆର୍

ସିବିଏସ୍‌ଇ କ୍ଲଷ୍ଟର୍ ଚାମ୍ପିଅନ୍‌ସିପ୍ ୨୦୨୬-୨୭ ଥି ଏକଲବ୍ୟ ଆଦର୍ଶ ଆବାସିକ୍ ବିଦ୍ୟାଳୟ କରଞ୍ଜିଆର୍ ଛାତ୍ରଛାତ୍ରୀମାନେ

ବଢ଼ିଆଁ ପ୍ରଦର୍ଶନ୍ କରିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ । ଆଥ୍‌ଲେଟିକ୍ସ ଥି ବିଦ୍ୟାଲୟ ୨ ଟା ସ୍ୱର୍ଣ୍ଣ, ୨ ରୌପ୍ୟ ଆଉ ୩ ଟା କାଂସ୍ୟ ପଦକ୍ ହାସଲ୍ କରିଛେ । ଓଡ଼ିଶା- ପଶ୍ଚିବଙ୍ଗ୍ ଆଉ ଛତିଶ୍‌ଗଡ୍‌ର ୩ ଶହ ନୁ ଅଏତ୍‌କା ବିଦ୍ୟାଲୟର୍ ପାଖାପାଖି ୧ ହଜାର୍ ୨ ଶହ ୫୨ ଝନ୍ ପ୍ରତିଯୋଗୀଙ୍କର୍ ଭିତ୍‌ରେ ଇ ପ୍ରତିଯୋଗିତା ହେଇଥିଲା । ପ୍ରତିଯୋଗିତାଥି ୧୪ ବଛର୍‌ନୁ କମ୍ ବର୍ଗଥି ଯାଜ୍ଞସ୍ମିତା ନାଏକ୍ ୪ ଶହ ଆଉ ୬ ଶହ ମିଟର୍‌ଥି ୨ ଟା ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଲେ ୧୯ ବଛର୍‌ନୁ କମ୍ ବର୍ଗଥି ପବିତ୍ର ପିଙ୍ଗୁଆ ୪ ଶହ ଆଉ ୨ ଶହ ମିଟର୍‌ଥି କାଂସ୍ୟ ପଦକ୍ ହାସଲ୍ କରିଛନ୍ । ଇ ଦୁହେଁ ପଟିଆଲା ନ ହେବାର୍‌କେ ଥିବା ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ୍ ମିଟ୍ ଲାଗି ଯୋଗ୍ୟତା ହାସଲ୍ କରିଛନ୍ । ଟାକ୍ ଇଭେଂଟ୍ ଛଡ଼ା ବିଦ୍ୟାଲୟର୍ ଦଲ୍ ଅଲ୍‌ଗା ବିଭାଗ୍‌ଥି ଉଲ୍ଲେଖନୀୟ ସଫଲତା ହାସଲ୍ କରିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଜାତୀୟ ମହାକାଶ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

'ବିକଶିତ୍ ଭାରତ୍ ଆଡ଼୍‌କେ ନୂତନତା, ସହଯୋଗ୍ ଆଉ ବିଶ୍ୱ ମହାକାଶ୍ ନେତୃତ୍ୱ ଲାଗି ଆକାଂକ୍ଷା' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ମହାକାଶ୍ ଦିବସ୍ । ୨୦୨୩ ମସିହା

ଅଗଷ୍ଟ ୨୩ ତାରିଖ୍ ଦିନ ଚନ୍ଦ୍ରଯାନ ୩ ମହାକାଶ୍ ଅଭିଯାନ୍ ଜରିଏ ଲେଣ୍ଡର୍ ବିକ୍ରମ୍ ସଫଲତାର୍ ସହେତେ ଚନ୍ଦ୍ରପୃଷ୍ଠକେ ପୁହୁଁଚିଥିଲା । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ଜାତୀୟ ମହାକାଶ୍ ଦିବସ୍ ପାଲିତ୍ ହେଉଛେ । ଗଲାବଛର୍ ପହେଲାକରି ଇ ଦିବସ୍ ପାଲନ୍ କରାଯାଇଥିଲା ।

ସମ୍ବଲ୍‌ପୁର୍ ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ ସୁବାସ୍ ଚନ୍ଦ୍ର ଚୌଧୁରୀ ଗଲାକାଏଲ୍ ସମ୍ବଲ୍‌ପୁର୍ ସିଟି ଷ୍ଟେସନ୍ ଆଉ ସମ୍ବଲ୍‌ପୁର୍ ସିଟି-ସର୍‌ଲା ସେକ୍ସନ୍‌ର ଦୋହରିକରଣ୍ କାମ୍‌ର ନିରୀକ୍ଷଣ୍ କରିଛନ୍ । ଅମୃତ୍ ଭାରତ୍ ଷ୍ଟେସନ୍ ଅଧୀନ୍‌ଥି ଚାଲୁଥିବା ବିକାଶ୍‌ମୂଲକ୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କର୍‌ବାର୍ ସହେତେ ଶ୍ରୀ ଚୌଧୁରୀ ଯାତ୍ରୀମାନ୍‌କର୍ ସୁବିଧାର୍ ଭିଲ୍ ତଦାରଖ୍ କରିଛନ୍ ।

ଜାତୀୟ ଐତିହ୍ୟ କ୍ୱିଜ୍ ପ୍ରତିଯୋଗିତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଇନ୍‌ଟାକ୍ ତର୍‌ଫୁ ଜାତୀୟ ଐତିହ୍ୟ କ୍ୱିଜ୍ ପ୍ରତିଯୋଗିତା ହେଇଯାଇଛେ । ସାହାରା ଟ୍ରଷ୍ଟ ହାଇସ୍କୁଲ୍ ନ ହେଇଥିବା ପ୍ରତିଯୋଗିତାଥି ଭିନ୍ ଭିନ୍ ବିଦ୍ୟାଲୟର୍ ୭ ନୁ ୧୦ ଶ୍ରେଣୀତକ୍ ଶହେ ୩୦ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । ଇଥି ସଫଳତା ପାଇଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଇତାର୍ ଆଖପାଖ୍ ଉତର ପଶ୍ଚିମ ବଙ୍ଗୋପସାଗର, ଉତର ଆନ୍ଧ୍ରପ୍ରଦେଶ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ଅଛେ । ଆଏଜ୍ ଇଟା ଲଘୁଚାପ୍‌ଥି ବଦଲିପାରେ । ଇତାର୍ ପ୍ରଭାବ୍‌ଥି କଳାହାଣ୍ଡି ସହେତେ ରାଜ୍ୟର କେତେଟା ଜାଗାନ ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ । ଆଏବା ୨୪ ଘଂଟା ଭିତରେ ବିଜ୍‌ଲି ଆରୁ ଘଡ଼ଘଡ଼ି ସାଙ୍ଗେ ବର୍ଷାକେ ନେଇକରି ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ୧୩ଟା

ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।